# NATIONAL NEWS BULLETIN (ODIA)
## 15 May - 2024
## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ଦେଶର ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ହେବ ନାମାଙ୍କପତ୍ର ଗୁଡ଼ିକର ଯାଞ୍ଚ୍ ।
- ରାଜନୈତିକ ଦଳର ଶୀର୍ଷ ନେତାମାନେ ପ୍ରଚାର ସମୟରେ ଅଭିଭାଷଣ ମାଧ୍ୟମରେ ଭଲ ଉଦାହରଣ ସୃଷ୍ଟି କରିବା ଉଚିତ୍ କହିଲେ ନିର୍ବାଚନ ଆୟୋଗ ।
- ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟିକୁ ଅଭିଯୁକ୍ତ ତାଲିକାରେ ସାମିଲ କରାଯିବ ବୋଲି ଦିଲ୍ଲୀ ହାଇକୋର୍ଟକୁ ଅବଗତ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ।
- ନୂଆଦିଲ୍ଲୀ ଠାରେ ଆଜିଠାରୁ ଆରମ୍ଭ ହେଉଛି ଇଣ୍ଡିଆ ସ୍କିଲ୍ କମ୍ପିଟିସନ୍ ୨୦୨୪ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ’ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ବିପକ୍ଷରେ ୧୯ରନ୍‌ରେ ବିଜୟୀ ।

# ସେଭେନ୍ ଫେଜ୍ ଇଲେକ୍ସନ୍

ଆସନ୍ତା ଜୁନ୍ ପହିଲାରେ ଅନୁଷ୍ଠିତ ହେବାକୁ ଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରାର୍ଥୀପତ୍ର ଗୁଡ଼ିକର ଯାଞ୍ଚ କରାଯିବ । ଗତକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଥିଲା । ଏହି ପର୍ଯ୍ୟାୟରେ ୭ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୫୭ଟି ଲୋକସଭା ଆସନ ପାଇଁ ମତଗ୍ରହଣ କରାଯିବ । ସେଥିମଧ୍ୟରେ ଉତ୍ତରପ୍ରଦେଶ ଓ ପଞ୍ଜାବର ୧୩ଟି ଲେଖାଏଁ, ପଶ୍ଚିମବଙ୍ଗର ୯ଟି, ବିହାରର ୮ଟି, ଓଡ଼ିଶାର ୬ଟି, ହିମାଚଳ ପ୍ରଦେଶର ୪ଟି, ଝାଡ଼ଖଣ୍ଡର ୩ଟି ଏବଂ ଚଣ୍ଡିଗଡ଼ କେନ୍ଦ୍ରଶାସିତ ଅଞ୍ଚଳର ଗୋଟିଏ ଆସନ ଅନ୍ତର୍ଭୁକ୍ତ । ଆସନ୍ତା ୧୭ ତାରିଖ ହେଉଛି ଏହି ପର୍ଯ୍ୟାୟ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।

ଏହି ପର୍ଯ୍ୟାୟରେ ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଯାଜପୁର ସଂସଦୀୟ କ୍ଷେତ୍ର ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ କରାଯିବ ।

ହିମାଚଳ ପ୍ରଦେଶର ମୋଟ୍ ୪ଟି ଲୋକସଭା ଆସନ ପାଇଁ ୫୧ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ସେଠାକାର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଏଥିସହ ସେହି ଦିନ ୬ଟି ବିଧାନସଭା ଆସନ ପାଇଁ ହେବାକୁ ଥିବା ଉପନିର୍ବାଚନରେ ସେଠାରେ ମତଗ୍ରହଣ କରାଯିବ । ଏହି ଆସନ ଗୁଡ଼ିକ ପାଇଁ ୩୩ ଜଣ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି ।

# ଇସିଆଇ

ନିର୍ବାଚନ ଆୟୋଗ କହିଛନ୍ତି, ଚଳିତ ନିର୍ବାଚନରେ ରାଜନୈତିକ ଦଳର ଶୀର୍ଷ ନେତାମାନେ ପ୍ରଚାର ସମୟରେ ତାଙ୍କ ଅଭିଭାଷଣ ନେଇ ଭଲ ଉଦାହରଣ ସୃଷ୍ଟି କରିବା ଉଚିତ୍ । ସେ କହିଛନ୍ତି, ଦେଶର ସାମାଜିକ ଢାଞ୍ଚାକୁ ସମ୍ମାନ ଦେବା ଏବଂ ନିର୍ବାଚନୀ ଭାଷଣରେ ସଂଯମ ରକ୍ଷା କରିବା ନେତାଙ୍କର ଦାୟିତ୍ୱ ।

ବିଭିନ୍ନ ରାଜନୈତିକ ଦଳର ଅଭିଯୋଗ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମତାମତ ଦେଇ ଆୟୋଗ କହିଛନ୍ତି, ଗତ ମାର୍ଚ୍ଚ ୧୬ ତାରିଖରୁ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରଠାରୁ ଇତିମଧ୍ୟରେ ୯୦ ପ୍ରତିଶତରୁ ଅଧିକ ଅଭିଯୋଗର ସମାଧାନ କରାଯାଇଛି । କଂଗ୍ରେସ ଓ ବିଜେପି ବ୍ୟତୀତ ଅନ୍ୟ କୌଣସି ରାଜନୈତିକ ଦଳରୁ ସେଭଳି କୌଣସି ବଡ଼ ଅଭିଯୋଗ ଆସି ନାହିଁ । ଆୟୋଗଙ୍କ କହିବା ଅନୁଯାୟୀ, ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପକ୍ଷରୁ ୪୨୫ଟି ପ୍ରମୁଖ ଅଭିଯୋଗ ଦାଖଲ କରାଯାଇଥିଲା । ସେଥିମଧ୍ୟରୁ ୪୦୦ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ସେଗୁଡ଼ିକର ସମାଧାନ ହୋଇଛି । କଂଗ୍ରେସ ପକ୍ଷରୁ ୧୭୦ଟି, ବିଜେପି ପକ୍ଷରୁ ୯୫ଟି ଓ ଅନ୍ୟାନ୍ୟ ଦଳ ପକ୍ଷରୁ ୧୬୦ଟି ଅଭିଯୋଗ ଦାଖଲ କରାଯାଇଥିଲା । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ କଂଗ୍ରେସ ଓ ବିଜେପିର ପରସ୍ପର ବିରୋଧରେ କିଛି ଅଭିଯୋଗ ବିଚାରାଧୀନ ରହିଛି ବୋଲି କମିଶନ କହିଛନ୍ତି ।

# ପିଏମ୍-ଘଟକୋପର

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ମୁମ୍ବାଇର ଘାଟକୋପରରେ ଏକ ରୋଡ୍ ସୋ କରିବେ। ଅଢ଼େଇ କିଲୋମିଟର ଦୀର୍ଘ ଏହି ରୋଡ୍ ସୋ' ଏଲ୍.ବିଏ.ସ୍. ମାର୍ଗ ସ୍ଥିତ ଶ୍ରେୟସ ସିନେମା ସମ୍ମୁଖରୁ ଆରମ୍ଭ ହୋଇ ଗାନ୍ଧୀ ମାର୍କେଟରେ ଶେଷ ହେବ। ଗାନ୍ଧୀ ନଗର ଜଙ୍କସନରୁ ଏଲ୍.ବିଏ.ସ୍. ରୋଡର ନୌପଡା ଜଙ୍କସନ ଏବଂ ମେଘରାଜ ଜଙ୍କସନରୁ ଆର୍.ବି. କଦମ ଜଙ୍କସନ ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ବନ୍ଦ ରହିବ । ଘାଟକୋପର ଏବଂ ଏହାର ଆଖପାଖ ଅଞ୍ଚଳରେ ଆବଶ୍ୟକ ଅନୁଯାୟୀ ଅତିରିକ୍ତ ଟ୍ରାଫିକ୍ କଟକଣା ଲାଗୁ କରାଯିବ। ମୁମ୍ବାଇବାସୀଙ୍କୁ ବିକଳ୍ପ ମାର୍ଗ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି ।

# ପିଏମ୍-କୋଡରମା

ପ୍ରଧାନମନ୍ତ୍ରୀ ଗତକାଲି କୋଡରମା ଲୋକସଭା ମଣ୍ଡଳୀ ଅନ୍ତର୍ଗତ ବିର୍‌ନି ଠାରେ ଏକ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରିଥିଲେ । ସେ କହିଛନ୍ତି, ଦେଶବାସୀଙ୍କ ପାଇଁ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିବାକୁ ହେଲେ ଏକ ଦୃଢ଼ ସରକାରର ଆବଶ୍ୟକତା ରହିଛି । ଏନ୍.ଡି.ଏ. ସରକାର ଅମଳରେ ଦେଶରେ ନକ୍ସଲ ଉପଦ୍ରବ ଯଥେଷ୍ଟ ହ୍ରାସ ପାଇଛି ବୋଲି ସେ କହିଛନ୍ତି । ଏହି

ଅବସରରେ ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ସମାଜର ସବୁ ବର୍ଗଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ ଏନ୍.ଡି.ଏ. ସରକାରଙ୍କ ଅମଳରେ ନିଆଯାଇଛି ବୋଲି ସେ ଏହି ଅବସରରେ କହିଥିଲେ । ସେ କହିଛନ୍ତି, ଦେଶର ୪କୋଟି ଲୋକଙ୍କୁ ଇତିମଧ୍ୟରେ ଘର ଯୋଗାଇ ଦିଆଯାଇଛି ।

## ନିର୍ବାଚନୀ ପ୍ରଚାର

ଓଡ଼ିଶାର ୪ଟି ଲୋକସଭା ଆସନ ବ୍ରହ୍ମପୁର, ନବରଙ୍ଗପୁର, କୋରାପୁଟ ଏବଂ କଳାହାଣ୍ଡିକୁ ଛାଡିଦେଲେ ଅନ୍ୟ ସମସ୍ତ ସ୍ଥାନ ଗୁଡ଼ିକରେ ନିର୍ବାଚନୀ ପ୍ରଚାର ସରଗରମ ହୋଇଉଠିଛି । ବିଭିନ୍ନ ରାଜନୈତିକ ଦଳର ପୁରୁଖା ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଲାଗି ଓଡ଼ିଶା ଆସୁଛନ୍ତି । ବିଜେପିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆଜି ଓଡ଼ିଶା ଗସ୍ତରେ ଆସି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନିର୍ବାଚନ ପ୍ରଚାରରେ ଯୋଗଦେବେ । ଶ୍ରୀ ଶାହା ଆଜି କଟକଠାରେ ଦଳପକ୍ଷରୁ ଆୟୋଜିତ ଏକ ରୋଡ୍ ଶୋ'ରେ ଭାଗନେବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି ।

ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ଭୁବନେଶ୍ୱରରେ ଦଳପକ୍ଷରୁ ଆୟୋଜନ ହେବାକୁ ଥିବା ଏକ କର୍ମଶାଳାରେ ଯୋଗଦେବା ସହିତ ଆସନ୍ତାକାଲି ବରଗଡ, ପଦ୍ମପୁର, ସୁନ୍ଦରଗଡଠାରେ ଦଳୀୟ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯୋଗଦେବେ ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ଓଡ଼ିଶା ଗସ୍ତରେ ଆସି ବଲାଙ୍ଗୀରଠାରେ ଏକ ଜନସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବେ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅନୁଗୁଳ ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ନର୍ବାଚନ ପ୍ରଚାର କରିବେ ।

## ଇଡି-ଲିକର୍ ସ୍କାମ୍

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପର୍ଟି (ଆପ୍)କୁ ଅଭିଯୁକ୍ତ ତାଲିକାରେ ସାମିଲ କରାଯିବ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗତକାଲି ଦିଲ୍ଲୀ ହାଇକୋର୍ଟକୁ ଅବଗତ କରାଇଛି । ଅବକାରୀ ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଆପ୍ ନେତା ମନୀଷ ସିସୋଦିଆଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଇ.ଡି. କୋର୍ଟକୁ ଏହା ଜଣାଇଛି । ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କୁ ଇ.ଡି. ପକ୍ଷରୁ

କୁହାଯାଇଛି, ଏହି ମାମଲାରେ ଖୁବ୍ ଶୀଘ୍ର ଅତିରିକ୍ତ ଅଭିଯୋଗପ୍ରତ ଦାଖଲ କରାଯିବ ।

ଅନ୍ୟପକ୍ଷରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ବି.ଆର୍.ଏସ୍. ନେତା କେ.କବିତାଙ୍କ ବିଚାର ବିଭାଗୀୟ ହେପାଜତକୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

## ୟୁପି-କ୍ୟାମ୍ପେନିଂ

ଉତ୍ତରପ୍ରଦେଶରେ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ଓ ଷ୍ଟାର ପ୍ରଚାରକମାନେ ଆଜି ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମୋହନଲାଲଗଞ୍ଜ ନିର୍ବାଚନ ମଣ୍ଡଳୀରେ ଏକ ନିର୍ବାଚନ ର୍‍ୟାଲିକୁ ସମ୍ବୋଧନ କରିବେ ।

ବିଜେପିର ବରିଷ୍ଠ ନେତା ତଥା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମହୋବା ଜାଲୌନ, ଝାନ୍ସୀ ଏବଂ ଲକ୍ଷ୍ନୌରେ ନିର୍ବାଚନୀ ସଭାରେ ଅଂଶଗ୍ରହଣ କରିବେ।

ଷଷ୍ଠ ପର୍ଯ୍ୟାୟରେ ଉପନିର୍ବାଚନ ହେବାକୁ ଥିବା ବଳରାମପୁର ଜିଲ୍ଲାର ଗୌସରୀ ବିଧାନସଭା ନିର୍ବାଚନୀ ମଣ୍ଡଳରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ। ସେ ଆଜି

ମଧ୍ୟ ଫୈଜାବାଦ ନିର୍ବାଚନ ମଣ୍ଡଳୀରେ ଇଣ୍ଡି ମେଣ୍ଟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏବଂ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଆଜି ରାଏବରେଲିରେ ରାହୁଲଗାନ୍ଧୀଙ୍କ ପାଇଁ ପ୍ରଚାର କରିବେ। ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀ ବଣ୍ଡା ନିର୍ବାଚନ ମଣ୍ଡଳୀର ଅତରା ଅଞ୍ଚଳରେ ନିର୍ବାଚନୀ ର୍ୟାଲିକୁ ସମ୍ବୋଧନ କରିବେ।

## ଇଣ୍ଡିଆ ସ୍କିଲ୍

ସର୍ବୋଚ୍ଚ ମାନର ଦକ୍ଷତା ପ୍ରଦର୍ଶନ ଲକ୍ଷ୍ୟରେ ଆୟୋଜିତ ହେବାକୁ ଥିବା ସର୍ବବୃହତ ଦକ୍ଷତା ପ୍ରତିଯୋଗିତା ଇଣ୍ଡିଆ ସ୍କିଲ୍ସ କମ୍ପିଟିସନ୍ ୨୦୨୪ ଆଜି ନୂଆଦିଲ୍ଲୀ ଠାରେ ଆରମ୍ଭ ହେବ। ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପ୍ରତିଯୋଗିତାରେ ୩୦ରୁ ଅଧିକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯ଶହରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ୪୦୦ରୁ ଅଧିକ ଶିଳ୍ପ ବିଶେଷଜ୍ଞ ମଧ୍ୟ ଅଂଶଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି।

୪ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପାରମ୍ପରିକ ହସ୍ତଶିଳ୍ପଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜ୍ଞାନକୌଶଳ ପର୍ଯ୍ୟନ୍ତ ୬୧ଟି ବର୍ଗରେ ପ୍ରତିଯୋଗୀମାନେ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିପାରିବାର ସୁଯୋଗ

ପାଉଛନ୍ତି। ଶ୍ରେଷ୍ଠ ଭିତ୍ତିଭୂମିର ଉପଲବ୍ଧତାକୁ ଦୃଷ୍ଟିରେ ରଖି ୪୭ଟି ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବା ବେଳେ କର୍ଣ୍ଣାଟକ, ହରିୟାଣା, ଉତ୍ତରପ୍ରଦେଶ ଓ ଗୁଜରାଟରେ ୧୪ଟି ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଇଣ୍ଡିଆ ସ୍କିଲ୍ସର ବିଜେତାମାନେ ଚଳିତ ବର୍ଷ ସେପ୍ଟେମ୍ବର ମାସରେ ଫ୍ରାନ୍ସର ଲିଓନ୍ ଠାରେ ହେବାକୁ ଥିବା ବିଶ୍ୱ ସ୍କିଲ୍ସ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେବେ, ଯେଉଁଥିରେ ୭୦ରୁ ଅଧିକ ଦେଶର ଏକ ହଜାର ୫୦୦ ପ୍ରତିଯୋଗୀ ଯୋଗଦେବେ ।

## ଛତିଶଗଡ଼-ମାଓଇଷ୍ଟ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗତକାଲି ୩୦ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ୯ ଜଣଙ୍କ ଉପରେ ମୋଟ୍ ୩୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁଆରିରୁ ଏପର୍ଯ୍ୟନ୍ତ ବିଜାପୁର ଜିଲ୍ଲାରେ ୧୮୮ ଜଣ ମାଓବାଦୀ ଗିରଫ ହୋଇଥିବା ବେଳେ ୭୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ବିପକ୍ଷରେ ୧୯ ରନ୍‌ରେ ବିଜୟ ହାସଲ କରିଛି । ଟସ୍ ଜିତି ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦିଲ୍ଲୀ ବ୍ୟାଟିଂ ଆରମ୍ଭ କରି ୪ ୱିକେଟ୍ ବିନିମୟରେ ୨୦୮ରନ୍ ସଂଗ୍ରହ କରିଥିଲା । ଦିଲ୍ଲୀ ପକ୍ଷରୁ ଅଭିଶେକ ପୋରେଲ ଏବଂ ଟ୍ରିଷ୍ଟାନ୍ ଷ୍ଟବସ୍ ଦଳ ପାଇଁ ଅର୍ଦ୍ଧଶତକ ହାସଲ କରିଥିଲେ । ୨୦୯ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ଲକ୍ଷ୍ନୌ ୯ ୱିକେଟ୍ ବିନିମୟରେ ୧୮୯ରନ୍ କରିବାକୁ ସକ୍ଷମ ହୋଇଥିଲା । ଦିଲ୍ଲୀ ପକ୍ଷରୁ ୩୪ରନ୍‌ରେ ୩ଟି ୱିକେଟ୍ ହାସଲ କରିଥିବା ଇଶାନ୍ତ ଶର୍ମାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ଏହି ବିଜୟ ସହ ଦିଲ୍ଲୀ ୧୪ଟି ମ୍ୟାଚ୍‌ରୁ ୧୪ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନରେ ଥିବା ବେଳେ ଲକ୍ଷ୍ନୌ ୧୩ଟି ମ୍ୟାଚ୍‌ରେ ୧୨ ପଏଣ୍ଟ ହାସଲ କରି ତାଲିକାର ସପ୍ତମ ସ୍ଥାନରେ ରହିଛି ।

ଆଜି ଗୌହାଟିଠାରେ ସନ୍ଧ୍ୟା ସାଢ଼େ ସାତଟାରେ ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ ।